## ସଂକ୍ଷେପରେ

### କୁମ୍ଭୀର ଆକ୍ରମଣରେ ଗାଈ ମୃତ

ଆଳି,୨୭।୭(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ବଡାମ୍ବିଲା ପଞ୍ଚାୟତ କଳଦିଆ ଗ୍ରାମର ବାସୁଦେବ ପ୍ରଧାନଙ୍କ ଗାଈର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଛି । ଗାଈଟି ବ୍ରାହ୍ମଣୀ ନଦୀ ଶାଖା ଅଙ୍ଗାରଖିଆ ଜୋରକୁ ପାଣି ପିଇବାକୁ ଯାଇଥିବା ବେଳେ ସେଠାରେ ଛକି ରହିଥିବା ଏକ କୁମ୍ଭୀର ତାକୁ ଝାମ୍ପ ମାରି ଭିତରକୁ ଟାଣି ନେଇଥିଲା । ଗାଈ ପାଳିଆ ଓ ନିକଟରେ ଥିବା ଲୋକମାନେ ଯେତେ ହୋହଲ୍ଲା କରିଥିଲେ ମଧ କୁମ୍ଭୀର ନ ଛାଡି ତାକୁ ପାଣି ଭିତରେ ବୁଡାଇ ରଖିଥିଲା । ପ୍ରାୟ ଅଧ ଘଣ୍ଟା ପରେ ଗାଈଟି ଭାସିବାରୁ ଲୋକମାନେ ତାକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ । ଏ ସମ୍ପର୍କରେ ଜଙ୍ଗଲ ବିଭାଗକୁ ଖବର ଦିଆ ଯିବା ପରେ ତଦନ୍ତ ଆରମ୍ଭ ହୋଇଛି । ବସୁଦେବଙ୍କୁ କ୍ଷତି ପୂରଣ ଦେବାକୁ ଦାବି ହୋଇଛି ।

### ଗଛଲତାରେ ପରିପୂର୍ଣ୍ଣ ତହସିଲ କ୍ୱାର୍ଟର୍ସ : କର୍ମଚାରୀ ରହୁନାହାନ୍ତି



ରଘୁନାଥପୁର,୨୭।୭(ଡି.ଏନ.ଏ.): ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ରଘୁନାଥପୁର ତହସିଲ କ୍ୱାର୍ଟର୍ସରେ କର୍ମଚାରୀ ରହୁ ନ ଥିବାର ଏହା ଭୂତକୋଠି ପାଲଟିଛି । ଏହାର ଚତୁଃପାର୍ଶ୍ୱ ଅବର୍ଜନାମୟ ହୋଇଥିବାବେଳେ ଗଛଲତା ମାଡି ସରୀସୃପଙ୍କ ବାସସ୍ଥାନ ପାଲଟିଛି । ଗତ ୨୦୦୯ରେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୩ଟି ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରାଯାଇଥିଲା । ଜଣେ ମହିଳା କର୍ମଚାରୀ ଏହି ଘରେ ରହୁଥିବାବେଳେ ତାଙ୍କର ବଦଳି ହୋଇଯିବାରୁ ସେ ଏଠାରୁ ଚାଲିଯାଇଥିଲେ । ନିକାଞ୍ଚନ ସ୍ଥାନ ତଥା ଶ୍ମଶାନ ପାଖରେ କ୍ୱାର୍ଟର୍ସଗୁଡିକ ଥିବାରୁ କୌଣସି କର୍ମଚାରୀ ଏଠାରେ ରହିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି ବୋଲି କୁହାଯାଉଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କ୍ୱାର୍ଟର୍ସଗୁଡିକର ରକ୍ଷଣାବେକ୍ଷଣ କରାଯିବା ସହ ସରକାର ଏହାର ସଦୁପଯୋଗ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି ।

### ବେଆଇନ କଳାପଥର ପରିବହନ ବେଳେ ୪ ଗାଡ଼ି ଜବତ

ଧର୍ମଶାଳା,୨୭।୭(ଡି.ଏନ.ଏ.): ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା କଳାପଥର ଖାଦାନରେ ବେଆଇନ କଳାପଥର ପରିବହନ ବେଳେ ୪ ଗାଡ଼ି ଜବତ ହୋଇଛି । ବଳରାମପୁର-୧ ସର୍କଲ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ବୁଧବାର ଚଢ଼ାଉ କରି ୩ଟି ଟ୍ରାକ୍ଟର ଓ ଗୋଟିଏ ଟ୍ରିପରକୁ ପୋଲିସ ସହାୟତାରେ ଜବତ କରିଛନ୍ତି । ଜବତ ଗାଡ଼ିଗୁଡ଼ିକ ଚଢ଼େଇଧରା ଚେକ ପୋଷ୍ଟରେ ଅଟକ ରଖାଯାଇଛି । ଗାଡ଼ିଗଡ଼ିକରୁ ଜରିମାନା ଆଦାୟ ହେବ ବୋଲି ରାଜସ୍ୱ ନିରୀକ୍ଷକ ସାହୁ ସୂଚନା ଦେଇଛନ୍ତି ।

# ଜିଲାର ୬୦ ଭାଗ ଗାଁରେ ମିଳୁନି ପାନୀୟଜଳ

କେନ୍ଦ୍ରାପଡ଼ା ଅଫିସ, ୨୭।୭



କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀ ଶୁଖିଲା ପଡିଛି ।

- ୨୨୬ ଗ୍ରାମ ଶେଷ ମୁଣ୍ଡରେ ପହଞ୍ଚୁନି ପାଇପ ପାଣି
- ଶତକଡ଼ା ୧୦ ଭାଗ ନଳକୂପରେ ଲୁଣାପାଣି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଲୁଣାଞ୍ଚଳବାସୀଙ୍କ ପାଇଁ ଗତ ୨୦୧୮ ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଧା ଯୋଜନାରେ ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଆସନ୍ତା ୪ ମାସ ମଧ୍ୟରେ ଏହି ଶିଳାନ୍ୟାସକୁ ଇତିମଧ୍ୟରେ ୪ ବର୍ଷ ପୂର୍ଣ୍ଣ ହେବ । ପ୍ରକଳ୍ପ କାର୍ଯ୍ୟ ପ୍ରାୟ ୭୦ ପ୍ରତିଶତ ସରିଥିବା ବେଳେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମାମଲାରେ ପଡି ଏହାର କାର୍ଯ୍ୟ ଧୀମା ହୋଇଛି । ତେବେ ଏହାର ଜଳଉତ୍ସ ଲୁଣା ଓ ଚିତ୍ରୋତ୍ପଳା ନଦୀର ଜଳସ୍ତର କମ୍ ରହୁଥିବାରୁ ଆଗାମୀଦିନରେ ଏହି ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତାକୁ ଗତି କରିବ ବୋଲି ପରିବେଶବିତ୍‌ମାନେ ଆକଳନ କରୁଛନ୍ତି । ସେହିପରି ବିଭିନ୍ନ ଯୋଜନାରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ରାଜନେତାଙ୍କ ଉଦ୍ୟମ ହେଉଥିଲେ ମଧ ଏହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁ ନ ଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଜଳ ଜୀବନ ମିଶନ ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ମୋଟ ୩୦୪୭୨୫ ଘର ମଧ୍ୟରୁ ୧୫୬୯୦୫ ଘରକୁ ପାଇପ ପାଣି ଯୋଗାଯାଉଛି । ୧୫୯୨ ରାଜସ୍ୱ ଗ୍ରାମ ମଧ୍ୟରୁ ୫୦୧ଟି ଗ୍ରାମକୁ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଘରକୁ ଟ୍ୟାପ ଯୋଗେ ପାଣି ଯୋଗାଇ ଦିଆଯାଉଛି । ସେହିପରି ୫୧୯ ଗ୍ରାମରେ ଟ୍ୟାପ ସଂଯୋଗ ୭୦ ପ୍ରତିଶତରୁ କମ୍ ରହିଛି । ୮୩ ଗ୍ରାମକୁ ପାଣି ସଂଯୋଗ ପ୍ରକ୍ରିୟା ଜାରି ରହିଥିବା ବେଳେ ଅବଶିଷ୍ଟ ପାଇଁ ଅଦ୍ୟାବଧି କୌଣସି ପ୍ରକଳ୍ପ ମଞ୍ଜୁର ହୋଇନାହିଁ । ବହୁ ଅଞ୍ଚଳରେ ଟ୍ୟାପ ପାଣି ପ୍ରକଳ୍ପିତ ଗ୍ରାମର ଶେଷ ମୁଣ୍ଡରେ ପହଞ୍ଚି ପାରୁନାହିଁ । ଏହାକୁ ହିସାବକୁ ନେଲେ ୬୦ରୁ ଉର୍ଦ୍ଧ୍ୱ ଭାଗ ଗ୍ରାମାଞ୍ଚଳବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଅପରପକ୍ଷରେ ଗ୍ରାମାଞ୍ଚଳରେ ୧୬,୨୨୮ଟି ନଳକୂପରୁ ଶତକଡା ୧୦ ଭାଗରେ ଫ୍ଲୋରାଇଡ, ଆଇରନ ମିଶା ଲୁଣାପାଣି ବାହାରୁଛି । ଏହାସତ୍ତ୍ୱେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଶତକଡା ୭୯ ଭାଗ ଗ୍ରାମାଞ୍ଚଳରେ ପାନୀୟ ଜଳ ଶୁଦ୍ଧ ଥିବା ଦର୍ଶାଯାଇଛି । ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁଯାୟୀ, ନଦୀ ଓ ପୋଖରୀ ଜଳ ବ୍ୟବହାର ପାଇଁ ପ୍ରତିବର୍ଷ ଲକ୍ଷାଧିକ ଲୋକ ଜଳବାହିତ ରୋଗରେ ପୀଡିତ ହେଉଛନ୍ତି ।

ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କହିଛନ୍ତି, ରାଜ୍ୟର ଦ୍ୱିତୀୟ ବୃହତମ ନଦୀପଥ କେନ୍ଦ୍ରାପଡ଼ା ଜିଲାରେ ଅଛି । ତେବେ ଉପରମୁଣ୍ଡରେ ଜଳସ୍ତର ହ୍ରାସ ଯୋଗୁ ପର୍ଯ୍ୟାପ୍ତ ପରିମାଣରେ ଜଳ ନଦୀରେ ଆସୁନାହିଁ । ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ବୈତରଣୀ, ଲୁଣା, ହଂସୁଆ, ଗୋବରୀ ଆଦି ଲୁଣା ମାଡି ଆସୁଛି । ଲୁଣାନଦୀର ମଣିକୁଣ୍ଡାଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି । ଏହି ନଦୀର ପ୍ରକଳ୍ପଠାରୁ ମାତ୍ର ୫ କିଲୋମିଟର ଦୂରରେ ଲୁଣାପାଣି ମିଳୁଛି । ଖରାଦିନେ ଲୁଣାନଦୀର ଜଳସ୍ରୋତ କମି ଯାଉଥିବାରୁ ଲୁଣା ଅଂଶ ପ୍ରକଳ୍ପ ଆଡକୁ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଆସିଯାଉଛି । ଏହି ଧାରା ଆଗକୁ ଜାରି ରହିଲେ ଆସନ୍ତା ୫ ବର୍ଷ ମଧ୍ୟରେ ଜିଲାର ବହୁ ନଦୀରେ ମଧୁର ଜଳ ପରିବର୍ତ୍ତେ ଲୁଣି ପାଣି ମିଳିବ । ଜିଲା ଜନସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା, ନଦୀ କୂଳରେ ବୃକ୍ଷରୋପଣ, ଚେକ୍ ଡ୍ୟାମ ନିର୍ମାଣ ଆଦି କେନ୍ଦ୍ରାପଡ଼ା ଜିଲା ପାଇଁ ଜରୁରୀ ହୋଇପଡିଛି । ଜଳ ସୁରକ୍ଷା ଆଇନ ୨୦୧୭କୁ ଉପଯୋଗ କରି ନଦୀ ଅବବାହିକାରେ ଅବାଧ ନିର୍ମାଣ ବନ୍ଦ କରିବା, ଲଘୁ ଖଣିଜ ସମ୍ପଦକୁ ସୁରକ୍ଷିତ କରିବା, ଜଳପଥରୁ ଜବରଦଖଲ ହଟାଇବା ଆଦିକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେବା କଥା । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟର ଏକମାତ୍ର ଜଳସଙ୍କଟ ଭାବେ କେନ୍ଦ୍ରାପଡ଼ା ଜିଲାକୁ ଚିହ୍ନଟ କରି ଜଳଶକ୍ତି ଅଭିଯାନରେ ସାମିଲ କରିଥିଲେ ମଧ ଏହାର କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦିଆଯାଉନାହିଁ । ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ପାନୀୟ ଜଳ ସମସ୍ୟା ପ୍ରତି ଜିଲା ପ୍ରଶାସନ ସଜାଗ ଦୃଷ୍ଟି ରଖିଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେତୋଟି ପ୍ରକଳ୍ପ ଚିଠା ପ୍ରସ୍ତାବ ହୋଇଥିବା ବେଳେ କେତେକ ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ବର୍ଷକ ମଧ୍ୟରେ ସମସ୍ତଙ୍କ ନିକଟରେ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିବ ବୋଲି ସେ କହିଛନ୍ତି ।

## ଗୋବିନ୍ଦପୁର ଗୋଷ୍ଠୀ ସଂଘର୍ଷର ସମାଧାନ କରିବ ଶାନ୍ତି କମିଟି

ଆଳି,୨୭।୭ (ଡି.ଏନ୍.ଏ.)

ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁରଠାରେ ଗତ ମଙ୍ଗଳବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ଶାନ୍ତି କମିଟି ମାଧ୍ୟମରେ ସମାଧାନ ହେବ । ବୁଧବାର ପୂର୍ବାହ୍ନରେ ଆଳି ଥାନା ପରିସରରେ ଆଇଆଇସି ଦିଲ୍ଲୀପ ସାହୁଙ୍କ ଉପସ୍ଥିତରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର,ଚିରଞ୍ଜିବୀ ଦାସ, ନିରଞ୍ଜନ ସେନାପତି,ଧନରଞ୍ଜନ ବୋଷ, ସୁବ୍ରତ ନାୟକ,୧ ନଂ.ଜୋନ ଜିଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା ପ୍ରମୁଖ ଏହି ଘଟଣା ଉପରେ ଆଲୋଚନା କରିବା ପରେ ଅଞ୍ଚଳରେ ଯେଉଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି ତାହା ଶାନ୍ତିକମିଟି ମାଧ୍ୟମରେ ସମାଧାନ ହେବ ବୋଲି ବୈଠକରେ ସ୍ଥିର ହୋଇଛି । ଏହି ଶାନ୍ତିକମିଟି ବୈଠକ ଚଳିତ ମାସ ୩୧ ତାରିଖରେ ବସିବ । ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଅପରାହ୍ନରେ ଏହି ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରମୋଦ ମଲିକ ଓ ପୂର୍ବତନ ସରପଞ୍ଚ ପ୍ରତିନିଧି ରତନ ଧଳଙ୍କୁ ଶୁଭକାନ୍ତ ଜେନା, ଅଧର ସାମଲ ମାରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଆଳି ଥାନାରେ ୨ଟି ଅଭିଯୋଗ ହୋଇଥିଲା । ଏହାକୁ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଜାରି ରହିଥିଲା ।

# ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଚେତାବନୀ



କଂଗ୍ରେସ କର୍ମୀ ଓ ନେତାମାନେ ଧାରଣାରେ ବସିଛନ୍ତି ।

କେନ୍ଦ୍ରାପଡ଼ା ଅଫିସ, ୨୭।୭

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାରମ୍ବାର ଜେରା କରୁଛନ୍ତି । ଏହାର ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନ ଠାରେ ବୁଧବାର ସତ୍ୟାଗ୍ରହ କରାଯାଇଛି । ଏଥିସହିତ ରାଷ୍ଟ୍ରୀୟ ଅଧ୍ୟକ୍ଷା ଗାନ୍ଧୀଙ୍କୁ ଗିରଫ କଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଏଠାରେ ନେତୃମଣ୍ଡଳୀ ଚେତାବନୀ ଦିଆଯାଇଛି । ଜିଲା ସଭାପତି ଅଂଶୁମାନ ମହାନ୍ତି କହିଛନ୍ତି, କେନ୍ଦ୍ରର ଭାଜପା ସରକାର କଂଗ୍ରେସର ଉତଥାନକୁ ଡରୁଛନ୍ତି । ସାଧାରଣ ଲୋକ ଏବେ ଶାସକ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ବିରୋଧ କରୁଛନ୍ତି । ଲୋକତନ୍ତ୍ରକୁ ନଷ୍ଟ କରୁଥିବାରୁ କଂଗ୍ରେସ ଏହା ସପକ୍ଷରେ ଅଛି । ଏଥିପାଇଁ ଭାଜପାର ସଂସଦୀୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିରୋଧକୁ ଚପାଇ ଦେବା ପାଇଁ ବସିଛନ୍ତି । ରାଷ୍ଟ୍ରୀୟ ଅଧ୍ୟକ୍ଷା ଗାନ୍ଧୀଙ୍କୁ ବାରମ୍ବାର ଇଡି ମାଧ୍ୟମରେ ଜେରା କରି ଅସୁବିଧାରେ ପକାଇବା ପାଇଁ ଚେଷ୍ଟା କରୁଛନ୍ତି । ଏପରିକି ରାଷ୍ଟ୍ରୀୟ ଅଧ୍ୟକ୍ଷା ଗାନ୍ଧୀଙ୍କ ଗିରଫ ଭୟ ଦେଖାଦେଇଛି । ଏପରି ହେଲେ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ । ବୁଧବାର ସତ୍ୟାଗ୍ରହ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଏହି ସତ୍ୟାଗ୍ରହରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବରିଷ୍ଠ ନେତା ଜୟନ୍ତ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ ।

## ରାଷ୍ଟ୍ର ବିକାଶର ଆଧାରଶିଳା ବିଦ୍ୟୁତ୍ ଶକ୍ତି

କେନ୍ଦ୍ରାପଡ଼ା ଅଫିସ, ୨୭।୭

କେନ୍ଦ୍ରାପଡ଼ା ସହରର ଟାଉନ ହଲ ଠାରେ ଏନଟିପିସି, ଓପିଟିସିଏଲ ଓ ଟିପିସିଓଡିଏଲ ପକ୍ଷରୁ ଆଜାଦୀକି ଅମୃତ ମହୋତ୍ସବ ଉପଲକ୍ଷେ ଏକ ଜନସଚେତନତା କାର୍ଯ୍ୟାକ୍ରମ ଅନୁଷ୍ଠିତ ବୁଧବାର ହୋଇ ଯାଇଛି । ପିଡି ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ୨୦୪୭ ସୁଦ୍ଧା ଉଜ୍ଜଳ ଭାରତ ଓ ଉଜ୍ଜଳ ଭବିଷ୍ୟତ ଶକ୍ତି ଶୀର୍ଷକରେ ଅତିଥିମାନେ ଆଲୋଚନା କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ଉପ ଜିଲାପାଳ ନିରଞ୍ଜନ ବେହେରା ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ରାଷ୍ଟ୍ର ବିକାଶର ଆଧାରଶୀଳା ବିଦ୍ୟୁତ ଶକ୍ତି । ଏହାର ସୁବିନିଯୋଗ ରାଷ୍ଟ୍ର ପ୍ରଗତି ପାଇଁ ଏକାନ୍ତ ଆବଶ୍ୟକ । ଅଦ୍ୟାବଧି ଓଡ଼ିଶାରେ ଉପଭୋକ୍ତାଙ୍କ ସଂଖ୍ୟା ୯୪ ଲକ୍ଷକୁ ବୃଦ୍ଧି ପାଇଥିବା ବେଳେ ଶକ୍ତି ଚାହିଦା ୨୭,୪୦୦ ମିଲିୟନ ୟୁନିଟରେ ପହଞ୍ଚିଛି । ଗ୍ରାହକମାନେ ସଚେତନ ହେବା ସହିତ ବିଦ୍ୟୁତ ସଂରକ୍ଷଣ ପାଇଁ ନିରନ୍ତର ଚେଷ୍ଟା ଜାରି ରହୁ । ଉନ୍ନତମାନର ସେବା ପାଇଁ ଚେଷ୍ଟା ଜାରି ରହିଥିବା ବେଳେ ଆସନ୍ତା ୨୫ ବର୍ଷ ମଧ୍ୟରେ ଶକ୍ତି ସଂରକ୍ଷରେ ଓଡିଶା ଆଗୁଆ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏନଟିପିସିର ବରିଷ୍ଠ ପ୍ରବନ୍ଧକ ସତ୍ୟବ୍ରତ ନାୟକ, ଟିପିସିଓଡିଏଲ ଅଧୀକ୍ଷଣ ଯନ୍ତ୍ରୀ ଅମରଜିତ ପଟ୍ଟନାୟକ ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

ରାଜନଗର,୨୭।୭ (ଡି.ଏନ.ଏ.)

ରାଜନଗର ଥାନା ଅଧୀନ କୋଇଲିପୁର ଗ୍ରାମର ବିଚିତ୍ର ମଲିକଙ୍କ ସ୍ତ୍ରୀ ସୁନତିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, ଆଳି ଥାନା ମାହାସାଣୀ ଗାଁର ଗୟାଧର ମଲିକଙ୍କ ଝିଅ ସୁନତି ୨୭ ବର୍ଷ ତଳେ ବୈଦିକ ରୀତିରେ ବିଚିତ୍ରଙ୍କୁ ବିବାହ କରିଥିଲେ । ସୁନତିଙ୍କ ୩ ଝିଅ ମଧ୍ୟରୁ ୨ ଝିଅ ବିବାହ କରିଥିବା ବେଳେ ଅନ୍ୟ ଜଣେ ଭୁବନେଶ୍ୱରରେ ଅଛନ୍ତି । ସୁନତିଙ୍କ ସ୍ୱାମୀ ବିଚିତ୍ର ୬ ବର୍ଷ ତଳେ ବିହାରର ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ । ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଗୋଟିଏ ପୁଅ ଅଛି । ଏହାକୁ ନେଇ ବିଚିତ୍ର ଓ ସୁନତିଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳି ଲାଗୁଥିଲା । ମଙ୍ଗଳବାର ରାତିରେ ମୋ ଭଉଣୀ ସୁନତିଙ୍କୁ ତାଙ୍କ ସ୍ୱାମୀ, ଭାଉଜ ଓ ଅନ୍ୟ ସହଯୋଗୀମାନେ ମିଳିମିଶି ହତ୍ୟା କରିଛନ୍ତି ବୋଲି ତାଙ୍କ ଭାଇ ଅରୁତ ମଲିକ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ଏପରି କି ସୁନତିଙ୍କ ମୃତ୍ୟୁ ପରେ ଆମକୁ ଖବର ଦେଇ ନ ଥିଲେ । ଅନ୍ୟ ଲୋକଙ୍କଠାରୁ ଖବର ପାଇ ସେ ଆସିଛନ୍ତି ବୋଲି ଅଭିଯୋଗରେ ଅରୁତ ଦର୍ଶାଇଛନ୍ତି । ଅପରପକ୍ଷେ ମଙ୍ଗଳବାର ସୁନତିଙ୍କ ଦେହ ଖରାପ ହେବା ପରେ ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ତାଙ୍କର ମୃତ୍ୟୁ ଘଟିବା ପରେ ଶାଶୁଘର ଲୋକେ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

## କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟରେ ଖୋଲିବ ଯୁକ୍ତ ୨ ଶ୍ରେଣୀ

କୁଜଙ୍ଗ,୨୭।୭ (ଡି.ଏନ.ଏ.)

ଏରସମା ବ୍ଲକ ନୂଆଗାଁସ୍ଥିତ କୁଞ୍ଜବିହାରୀ ଉଚ୍ଚବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୨ ଶ୍ରେଣୀ ଖୋଲିବା ନେଇ ରାଜ୍ୟ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି । ୧୯୬୪ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ଭିତିଭୂମି, ଲାଇବ୍ରେରୀ ବ୍ୟବସ୍ଥା ଦୁର୍ବଳ ଥିଲେ ବି ସରକାର ଯୁକ୍ତ ୨ ଖୋଲିବାକୁ ନିଷ୍ପତ୍ତି ନେଇଥିବାରୁ ବିଦ୍ୟାଳୟର ପୁରାତନ ଛାତ୍ର ଡ. ତମିଲ ପ୍ରଧାନ, ସାମାଜିକ କର୍ମୀ ସମରେନ୍ଦ୍ର ନାୟକ, ଅରୁଣ ପରିଡା, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏ ସମ୍ପର୍କରେ ଡ. ତମିଲ କୁହନ୍ତି, ଏହାଦ୍ୱାରା ଶିଳ୍ପ ପ୍ରଭାବିତ ୩ ପଞ୍ଚାୟତ ଛାତ୍ରୀଛାତ୍ର ବିଶେଷ ଉପକୃତ ହେବେ ।

## ଶିଖର ବାଲି ସଇରାତ ପାଇଁ ଜନଶୁଣାଣି




ଜନଶୁଣାଣିରେ ଯୋଗଦେଇ ଥିବା ବିଭାଗୀୟ ଅଧିକାରୀ ।

ନାଉଗାଁ,୨୭।୭ (ସ୍ୱ.ପ୍ର)

ନାଉଗାଁ ତହସିଲ ଅନ୍ତର୍ଗତ ଶିଖର ବାଲି ସଇରାତରୁ ବାଲି ଉତ୍ତୋଳନ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ବୁଧବାର ଶିଖର ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣିରେ ଜଗତ୍‌ସିଂହପୁର ଜିଲା ଅତିରିକ୍ତ ଜିଲାପାଳ (ରାଜସ୍ୱ)ଚିନ୍ମୟୀ ବିଶ୍ୱାଳ, ନାଉଗାଁ ତହସିଲଦାର ଜେ. କଳ୍ପନା ଆଦି ଉପସ୍ଥିତ ଥିଲେ । ବାଲି ସଇରାତକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମତାମତ ଗ୍ରହଣ କରାଯାଇଥିଲା ।

## ଛାତ୍ରୀଛାତ୍ରଙ୍କୁ ମିଳିଲା ମଧ୍ୟାହ୍ନ ଭୋଜନ

ଧରିତ୍ରୀ ପ୍ରଭାବ

ମହାକାଳପଡ଼ା,୨୭।୭ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ କିୟାରବାଙ୍କସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ବ୍ଲକର ଆଦର୍ଶ ବିଦ୍ୟାଳୟ ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି । ଏଥିରେ ୮୦ ଜଣ ଛାତ୍ରୀଛାତ୍ର ଷଷ୍ଠଶ୍ରେଣୀରେ ନାମ ଲେଖାଇଛନ୍ତି । ହେଲେ ସେହି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉ ନ ଥିଲା । ଏ ସଂକ୍ରାନ୍ତରେ ବୁଧବାର ଧରିତ୍ରୀରେ ଭୋକରେ ଛାତ୍ରୀଛାତ୍ରଙ୍କ ପେଟ ଜଳୁଛି ଶୀର୍ଷକରେ ଏକ ଖବର ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୁଧବାର ଛାତ୍ରୀଛାତ୍ରଙ୍କୁ ସ୍କୁଲ କର୍ତ୍ତୃପକ୍ଷ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଖାଇବାକୁ ଦେଇଛନ୍ତି । ବୁଧବାର ମଧ୍ୟାହ୍ନ ଭୋଜନ ନିୟମ ଅନୁସାରେ ପିଲାମାନଙ୍କୁ ଭାତ ସହିତ ଅଣ୍ଡା ତରକାରୀ ପରସା ଯାଇଛି । ଏ ନେଇ ଅଭିଭାବକ,ବୁଦ୍ଧିଜୀବୀ ପ୍ରକାଶ ପ୍ରଧାନ,ଅରୂପ ମିର୍ଦ୍ଧା ପ୍ରମୁଖ ଧରିତ୍ରୀକୁ ସାଧୁବାଦ ଜଣାଇଛନ୍ତି ।



ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଘରକୁ ଫେରୁଛନ୍ତି ।

# ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ

ଡେରାବିଶ, ୨୭।୭ (ସ୍ୱ.ପ୍ର.)




ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଯଅଁରାବାରିମୂଳ ।

ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ କରିବା ଓ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାପ୍ରତି ଅଧିକ ଅଗ୍ରହ ଜନ୍ମାଇବା ପାଇଁ ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି । ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ଦୁଇଟି ପର୍ଯ୍ୟାୟରେ ୧୩ଟି ଉଚ୍ଚ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟ ଶେଷ ହୋଇଛି । ତେବେ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର ମଲ୍ଲିକେଶ୍ୱର ଉଚ୍ଚବିଦ୍ୟାଳୟ, ଚାନ୍ଦୋଳ ପଞ୍ଚାୟତ ଗଣେଶପୁର ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟ, ଯଅଁରାବାରିମୂଳ ପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଓ ହରିଅଙ୍କସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ରୂପାନ୍ତରଣ ଯୋଜନାରେ କାର୍ଯ୍ୟ ଶେଷ ହୋଇଥିଲା । ମାତ୍ର ଏହି ୪ଟି ବିଦ୍ୟାଳୟର କାର୍ଯ୍ୟରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗକୁ ଭିତ୍ତିକରି ୫-ଟି ବିଭାଗର ଏକ ପ୍ରତିନିଧି ଦଳ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିଥିଲେ । ପରେ ଏହି ୪ଟି ପଞ୍ଚାୟତର ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାମନ୍ତରାୟଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ନିଲମ୍ବିତ କରିଥିଲେ । ମାତ୍ର ନିଲମ୍ବିତ କରି ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଇ ସମ୍ପୂର୍ଣ୍ଣ ନୀରବ ରହିଥିବା ଜିଲାର ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥୀ କ୍ଷୋଭ ପ୍ରକାଶ କରିଛନ୍ତି । ରଘୁନାଥ କହିଛନ୍ତି, ରୂପାନ୍ତରଣ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉନ୍ନତ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଇନ୍‌ଟ୍ରାକ୍ଟିଭ୍ ଡିଜିଟାଲ୍ ଚାନେଲ୍ (ଏଲଇଡ଼ି ଟିଭି) ଯାହାର ଦାମ୍ ୨ ଲକ୍ଷ ଟଙ୍କା ହେବାକଥା । ମାତ୍ର ଏହି ବିଦ୍ୟାଳୟଗୁଡ଼ିକରେ କମ୍ ଦାମ୍‌ର ଡିଜିଟାଲ୍ ଚାନେଲ୍ ଲଗାଇ ସେ ବାବଦରେ ଥିବା ସମସ୍ତ ଅର୍ଥରାଶିକୁ ହଡ଼ପ କରାଯାଇଛି ।

### ଅର୍ଥକୁ ହଡ଼ପ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସେହିପରି ବିଜ୍ଞାନ ଉପକରଣ, ପାଠାଗାର ପାଇଁ ପୁସ୍ତକ ଓ ଛାତ୍ରୀଛାତ୍ରଙ୍କ ପାଇଁ କମ୍ପ୍ୟୁଟର ସହ ପ୍ଲେକୋର୍ଟ୍‌ର ବ୍ୟବସ୍ଥା ରହିଛି । ଏଥିସହଲ ବିଦ୍ୟାଳୟଗୁଡ଼ିକୁ ଦାମୀ କମ୍ପାନୀର ରଙ୍ଗ ଲଗାଇବା ଓ ସମସ୍ତ ଉନ୍ନତ ବ୍ୟବସ୍ଥା ଥିବା ବେଳେ ତାହା ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ରଘୁନାଥ ଅଭିଯୋଗ କରିଛନ୍ତି । ତେବେ ଲଗାଯାଇଥିବା କମ୍ ଦାମ୍‌ର ଡିଜିଟାଲ୍ ପ୍ୟାନେଲ୍‌ର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଛାତ୍ରୀଛାତ୍ରଙ୍କ କାମରେ ଏହା ଲାଗିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ପ୍ରତ୍ୟେକ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମ ପାଇଁ ୫ଟି ବିଭାଗ ପକ୍ଷରୁ ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ବେଳେ କମ୍ ଅର୍ଥ ଖର୍ଚ୍ଚ କରାଯାଇ ଅବଶିଷ୍ଟ ଅର୍ଥକୁ ହଡ଼ପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ତେବେ ରୂପାନ୍ତରଣ ଯୋଜନାରେ ଡେରାବିଶ ବ୍ଲକରେ କାର୍ଯ୍ୟ ଶେଷ ହୋଇଥିବା ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ରଘୁନାଥ କହିଛନ୍ତି ।

## ସଂକ୍ଷେପରେ

### କଳାପଥର ପରିବହନ ବେଳେ ୪ ଗାଡ଼ି ଜବତ

**ଧର୍ମଶାଳା,୨୭।୭(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା କଳାପଥର ଖାଦାନରେ ବେଆଇନ କଳାପଥର ପରିବହନ ବେଳେ ୪ ଗାଡ଼ି ଜବତ ହୋଇଛି। ବଳରାମପୁର-୧ ସର୍କଲ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ବୁଧବାର ଚଢ଼ାଉ କରି ୩ଟି ଟ୍ରାକ୍ଟର ଓ ଗୋଟିଏ ଟିପ୍ପରକୁ ପୋଲିସ ସହାୟତାରେ ଜବତ କରିଛନ୍ତି। ଜବତ ଗାଡ଼ିଗୁଡ଼ିକ ଚଢ଼େଇଧରା ଚେକ ପୋଷ୍ଟରେ ଅଟକ ରଖାଯାଇଛି। ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ ହେବ ବୋଲି ରାଜସ୍ୱ ନିରୀକ୍ଷକ ସାହୁ ସୂଚନା ଦେଇଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଧର୍ମଶାଳା,୨୭।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ମୁରାରୀପୁରସ୍ଥିତ ଗୋପାଳ ଜୀଉ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ବରାଳ(୮୦)ଙ୍କ ନିଜ ବାସଭବନ ବ୍ରାହ୍ମଣଦାଠାରେ ବୁଧବାର ପରଲୋକ ହୋଇଛି। ସେ ଜଣେ ଆଦର୍ଶ, ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ଜଣାଶୁଣାଥିଲେ। ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ପୂର୍ବାହ୍ନରେ ତାଙ୍କର ହୃଦ୍‌ଘାତ ଯୋଗୁ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ କଣ୍ଢେଇ ବରାଳ, ପୁତ୍ର ଜିତେନ୍ଦ୍ର ଓ ରବୀନ୍ଦ୍ରଙ୍କ ସମେତ ପୁତ୍ରବଧୂ ନାତିନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚରିତ ହେବା ପରେ ଭଣଜା ରମାକାନ୍ତ ଜେନା, ପବିତ୍ର ମୋହନ ଜେନା, ନୀହାର ନାୟକ, ଜାମାତା ଉମେଶ ଜେନା, ନରେଶ ମହାନ୍ତି, କାହ୍ନୁଚରଣ ଦାଶ, ସର୍ବେଶ୍ୱର ବେହୁରା, ଉପେନ୍ଦ୍ର କର, ଗୋଲକ ପଲେଇ, ନୃସିଂହ ମିଶ୍ର, ଦେବବ୍ରତ ରାଉତ, ତପନ ମାହୁନ୍ତ, ବିବେକ ଗନ୍ତାୟତ, ହିମାଂଶୁ ମହାପାତ୍ର, ବିଭୁତି ଜେନା, ଯୁଧିଷ୍ଠିର ସାହୁ, ନାରାୟଣ ମହାନ୍ତି, ଓମଶାନ୍ତି ସରୋଜ ଭାଇ, ସରପଞ୍ଚ ତ୍ରିଲୋଚନ ଜେନା, ଦାମୋଦର ରାୟ, ଶୁଶୀଲ ମହାନ୍ତିଙ୍କ ସମେତ ଅନେକ ଛାତ୍ର ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକ ଶୋଭାଯାତ୍ରାରେ ମରଶରୀରକୁ ଅଞ୍ଚଳ ପରିକ୍ରମ କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ଜିତେନ୍ଦ୍ର ବରାଳ ମୁଖାଗ୍ନି ଦେଇଥିଲେ।

### ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଯାଜପୁର ଟାଉନ,୨୭।୭(ଡି.ଏନ.ଏ.):** ଯାଜପୁର ସହରସ୍ଥିତ ଗୋବିନ୍ଦଜୀଉ ନଗରଠାରେ ପୌରାଞ୍ଚଳର ଏକ ଅଗ୍ରଣୀ ଅନୁଷ୍ଠାନ 'ଡ୍ରାଗନ୍ କ୍ଲବ' ତରଫରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରଶ୍ମିରଂଜନ ସାହୁଙ୍କ ସଭାପତିତ୍ୱରେ କ୍ଲବର ଶତାଧିକ ସଦସ୍ୟ ଯୋଗଦେଇ ଚଳିତବର୍ଷ ପୂଜାକୁ ଅଧିକ ଜାକଜମକରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ୨ବର୍ଷ ଧରି କରୋନା ଯୋଗୁଁ କ୍ଲବ୍‌ରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ସମ୍ପ୍ରତି କରୋନା କଟକଣା ହଟିଯାଇଥିବାରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁଦୃଶ୍ୟ ମୂର୍ତ୍ତି ନିର୍ମାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ କ୍ଲବ ଉପସଭାପତି ଦୀପକ ଦାସ, ତପନ ବେହେରା, ସଂଯୋଜକ କୈବଲ୍ୟ ସାହୁ, ଅଂଶୁମାନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଉମାକାନ୍ତ ପାତ୍ର ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ତେବେ ପୂଜା ସହ ସପ୍ତାହ ବ୍ୟାପୀ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲା ଓ ଜିଲା ବାହାରୁ ବିଭିନ୍ନ କୃତୀ କଳାକାରଙ୍କୁ ଆମନ୍ତ୍ରଣ କରାଯିବ ବୋଲି ସଭାପତି ସାହୁ ସୂଚନା ଦେଇଥିଲେ।

# ଟ୍ରକ ଡ୍ରାଇଭରଙ୍କ ସୁରକ୍ଷା ପାଇଁ ପରାମର୍ଶ

## ଏନ୍‌ଏଚ୍‌ଆର୍‌ସି ଜାରି କଲେ ମାର୍ଗଦର୍ଶିକା

**ଯାଜପୁର ଅଫିସ,୨୭।୭**

ବାଣିଜ୍ୟିକ ଟ୍ରକ ଡ୍ରାଇଭରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଆହ୍ୱାନଗୁଡିକ ଯାଞ୍ଚ କରି ସେମାନଙ୍କ ମାନବିକ ଅଧିକାରର ସୁରକ୍ଷା ପାଇଁ ଜାତୀୟ ମାନବ ଅଧିକାର ଆୟୋଗ(ଏନଏଚ୍‌ଆର୍‌ସି) କେତେକ ପରାମର୍ଶ ତଥା ମାର୍ଗଦର୍ଶିକା ଜାରି କରିଛନ୍ତି। ଉକ୍ତ ମାର୍ଗଦର୍ଶିକାରେ ଡ୍ରାଇଭରମାନଙ୍କୁ ଶୋଷଣରୁ ସୁରକ୍ଷା ଦେବାପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଦ୍ୟମ କରିବା ଉଚିତ। ଟ୍ରକ ଡ୍ରାଇଭର ଏବଂ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡିକ ମଧ୍ୟରେ ଅନ୍‌ଲାଇନ ସୁବିଧା ଯୋଗାଇ ଦେବା, ପଞ୍ଜିକରଣ ପ୍ରମାଣପତ୍ରର ଅନୁଦାନ ଏବଂ ନବୀକରଣ, ଫିଟନେସ ସାର୍ଟିଫିକେଟ, ଅନୁମତି ଏବଂ ଲାଇସେନ୍ସ, ଟିକେଟ, ଦେୟ, ଜରିମାନା ଏବଂ ଅନ୍ୟାନ୍ୟ ଶୁଳ୍କ ପ୍ରଦାନ, ଯାନ ସମ୍ବନ୍ଧୀୟ ଦଲିଲଗୁଡିକର କେନ୍ଦ୍ରୀୟ ସଂରକ୍ଷଣ ଏବଂ ପୁନରୁଦ୍ଧାର, ଇ-ୱେ ବିଲର ବୈଧତା ବୃଦ୍ଧି, ଆଇନ ପ୍ରଣୟନକାରୀ ସଂସ୍ଥା ଦ୍ୱାରା ଟ୍ରକ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଯାନ ଯାଞ୍ଚ ପାଇଁ କ୍ଷେତ୍ର ଗୁଡ଼ିକ ନିର୍ଦ୍ଦିଷ୍ଟ କରାଇବା, ଟୋଲ ବୁଥ୍, ଆନ୍ତରାଜ୍ୟ ଚେକ୍‌ପଏଣ୍ଟ ଏବଂ ଏହିପରି ସମସ୍ତ ଯାଞ୍ଚ କ୍ଷେତ୍ରକୁ ସିସି ଟିଭି କଭରେଜ ପ୍ରଦାନ କରିବା, ନଗଦ ଆକାରରେ ଜରିମାନା ସଂଗ୍ରହକୁ ବାରଣ କରିବା, ଟ୍ରକ ବ୍ୟବସାୟରେ ଶୃଙ୍ଖଳାକୁ କାର୍ଯ୍ୟକାରୀ କରିବା ପାଇଁ ଟେକ୍‌ନୋଲୋଜିର ବ୍ୟବହାର, ଓଭର ଲୋଡିଂ ଚିହ୍ନଟ କରିବା ପାଇଁ ନିୟମିତ ବ୍ୟବଧାନରେ ଓଜନ ବ୍ରିଜ ସ୍ଥାପନ, ସୁରକ୍ଷିତ ସଂରକ୍ଷଣ ପାଇଁ ଟୋଲ ବୁଥ୍‌ରେ ଗୋଦାମ ପ୍ରତିଷ୍ଠା, ଚିହ୍ନଟ ଏବଂ ଅଟୋ-ଜେନେରେଶନ ପାଇଁ ରାଜପଥରେ ନିୟମିତ ବ୍ୟବଧାନରେ ସ୍ପିଡ୍ କ୍ୟାମେରା ସ୍ଥାପନ, ପ୍ରତ୍ୟେକ ଟ୍ରକ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଯାନରେ ଟାମ୍ପରପ୍ରୁଫ୍‌ସ୍ପିଡ୍ ଗଭର୍ନର ମାନଙ୍କର ବାଧ୍ୟତା ମୂଳକ ସ୍ଥାପନ, ଦ୍ରୁତ ଗତିରେ ଟ୍ରକ ଏବଂ ଚିହ୍ନଟ କରିବା ପାଇଁ ପ୍ରତ୍ୟେକ ଟ୍ରକରେ ଯାନ ଅବସ୍ଥାନ ଟ୍ରାକିଂ ଉପକରଣଗୁଡିକର ବାଧ୍ୟତାମୂଳକ ସ୍ଥାପନ, ଡ୍ରାଇଭିଂ ଲାଇସେନ୍ସ ଅନୁଦାନ କିମ୍ବା ନବୀକରଣ ପୂର୍ବରୁ ଡ୍ରାଇଭିଂ କୌଶଳର ଆକଳନ କରିବାକୁ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍‌ଗୁଡିକର ସ୍ଥାପନ, ଭାରି ମୋଟର ଯାନ ପାଇଁ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ଏବଂ ନବୀକରଣ ପୂର୍ବରୁ ସରକାର ବିନା ମୂଲ୍ୟରେ ସଙ୍ଗଠିତ ମୌଳିକ ଡ୍ରାଇଭିଂ ପାଠ୍ୟକ୍ରମକୁ ବାଧ୍ୟତାମୂଳକ କରିବା ଭଳି ୮ ପୃଷ୍ଠା ସମ୍ବଳିତ ପରାମର୍ଶ ପାଳନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ଡ୍ରାଇଭରମାନଙ୍କ ଅଭିଯୋଗ ଅନୁସାରେ ଦେଶର ମାଲ ପରିବହନର ୨ ତୃତୀୟାଂଶ ସଡ଼କ ପରିବହନ କରିଥାଏ । ସଡକ ପରିବହନ କ୍ଷେତ୍ର ଅର୍ଥ ନୀତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଟ୍ରକ ବ୍ୟବସାୟର ଅନୌପଚାରିକ ଏବଂ ଅସଙ୍ଗଠିତ କାର୍ଯ୍ୟକଳାପ ଯୋଗୁ ଟ୍ରକ ଡ୍ରାଇଭରମାନେ ବିଭିନ୍ନ ସମସ୍ୟା ଏବଂ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ବିଭିନ୍ନ ସଙ୍ଗଠନ ଏବଂ ସାମାଜିକ ବିରୋଧୀ ଉପାଦାନ ଦ୍ୱାରା ଡ୍ରାଇଭରମାନେ ଶୋଷଣର ଶିକାର ହେଉଛନ୍ତି । ଟ୍ରକ ଡ୍ରାଇଭରମାନେ ଦେଶର ଶ୍ରମ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସାମାଜିକ ସୁରକ୍ଷା ସୁବିଧା ଯେପରି କି, ପ୍ରୋଭିଡେଣ୍ଟ ଫଣ୍ଡ, ପେନ୍‌ସନ୍, ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା, ଗ୍ରାଚ୍ୟୁଇଟି ଇତ୍ୟାଦି ପାଇପାରୁ ନାହାନ୍ତି । ଦୀର୍ଘ କାର୍ଯ୍ୟ ସମୟ, ପର୍ଯ୍ୟାପ୍ତ ବିଶ୍ରାମ ଏବଂ ନିଦ୍ରା ଅଭାବ, ପରିବାରରୁ ଦୀର୍ଘ ଅନୁପସ୍ଥିତି, ସ୍ୱଳ୍ପ ବେତନ, ସମୟ ସମୟରେ ପରିଷ୍କାର ଏବଂ ସୁସ୍ଥ ଖାଦ୍ୟର ଅନୁପଲବ୍ଧତା, ଆଇନ ଶୃଙ୍ଖଳାକାରୀ ସଂସ୍ଥା ଦ୍ୱାରା ଶୋଷଣର ଧମକ ଏବଂ ସାମାଜିକ ବିରୋଧୀ ଉପାଦାନ ଏବଂ ସଡକ ଦୁର୍ଘଟଣାର ଆଶଙ୍କା ଟ୍ରକ ଡ୍ରାଇଭରମାନଙ୍କୁ ଶାରିରୀକ ଏବଂ ମାନସିକ ଚାପ ଦେବା ସଙ୍ଗେ ସେମାନଙ୍କୁ ନିଶାଶକ୍ତ ଏବଂ ଦାୟିତ୍ୱହୀନ ଯୌନ ଆଚରଣ ପାଇଁ ବାଧ୍ୟ କରିଥାଏ । ଏହି କ୍ରମରେ ଟ୍ରକ ଡ୍ରାଇଭରମାନଙ୍କୁ ଉପରୋକ୍ତ ସେବା ଯୋଗାଇ ଦେବାକୁ କମିଶନର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

# ଏକ୍ସେଲସିୟର ସ୍କୁଲ୍‌ରେ ୧୦୦% ପାସ


ସୁଜଳ କୁମାର ଶାସିନି


ଡମ୍ବରୁଧର ରାଉତ


ପ୍ରଭଞ୍ଜନ ପ୍ରଧାନ

**ଯାଜପୁର ରୋଡ,୨୭।୭(ଡି.ଏନ.ଏ.)**

- ପ୍ରଥମ ଶ୍ରେଣୀରେ ୨୪୫ ଜଣ
- ୪୬ ଜଣ ୯୦%ରୁ ଉର୍ଦ୍ଧ୍ୱ ମାର୍କ ପାଇ ଉତ୍ତୀର୍ଣ୍ଣ

ଯାଜପୁର ଜିଲା ଛୋଟରାୟପୁର ଏକ୍ସେଲସିୟର ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ୨ ବିଜ୍ଞାନରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୨୪୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪୫ ଜଣ ପ୍ରଥମ ଶ୍ରେଣୀରେ ପାସ କରି ରେକର୍ଡ କରିଛନ୍ତି। ଏଥିରେ ୪୬ ଜଣ ୯୦% ରୁ ଉର୍ଦ୍ଧ୍ୱ, ୯୦ ଜଣ ୮୫% ଉର୍ଦ୍ଧ୍ୱ, ୧୩୬ ଜଣ ୮୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଡମ୍ବରୁଧର ରାଉତ ୯୬.୮୩%, ସୁଜଳ କୁମାର ଶାସିନି ୯୬% ଓ ପ୍ରଭଞ୍ଜନ ପ୍ରଧାନ ୯୫% ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ହିଙ୍ଗୁଳା ହାଇସ୍କୁଲ ଭାରତ ସ୍କାଉଟ ଗାଇଡର ସଫଳତା


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଯାଜପୁର ରୋଡ,୨୭।୭(ଡି.ଏନ.ଏ.)**

ଯାଜପୁର ଜିଲା କୋରେଇ ବ୍ଲକ ହିଙ୍ଗୁଳା ହାଇସ୍କୁଲ, ଶଙ୍ଖଚିଲାର ଭାରତ ସ୍କାଉଟ ଗାଇଡର ୧୪ ଜଣ ରାଜ୍ୟ ପୁରସ୍କାର ପରୀକ୍ଷା ଦେଇ ସଫଳତା ଅର୍ଜନ କରିଛନ୍ତି। ବୁଧବାର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ମୀରିନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୃତୀ ଛାତ୍ରୀଛାତ୍ର ସୁନନ୍ଦା ସାହୁ, ଶୁଭଶ୍ରୀ ସାହୁ, ଆଶାରାଣୀ ସାହୁ, ସ୍ମିତିପ୍ରଜ୍ଞା ସାହୁ, ସୋନାଲିସ ସେଠୀ, ବିଶ୍ୱବନ୍ଦିତା ମହାକୁଡ଼, ପ୍ରଜ୍ଞା ପାରମିତା ପାଢ଼ୀ, କଲ୍ୟାଣୀ ସାହୁ, ଗଙ୍ଗୋତ୍ରୀ ସାହୁ, ସଞ୍ଜିବନୀ ପାଢ଼ୀ, ତନୁଜା ତନୁଶ୍ରୀ ବିଦ୍ଧାଣି, ପଙ୍କଜିନୀ ସେଠୀ, ଲୋପା ପ୍ରିୟଦର୍ଶିନୀ, ମୋନାଲିସା ସାହୁ ରାଜ୍ୟ ପୁରସ୍କାର ଗ୍ରହଣ କରିଥିଲେ। ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ, ଶଙ୍ଖଚିଲାର ଗାଇଡ କ୍ୟାପଟେନ ସଂଯୁକ୍ତା ମହାପାତ୍ରଙ୍କ ପ୍ରଚେଷ୍ଟାରେ ଗାଇଡମାନେ ବିଭିନ୍ନ ଶିବିରରେ ଯୋଗ ଦେଇ ସୁନାମ ଅର୍ଜନ କରିବା ସହିତ ବହୁବାର ପରସ୍କୃତ ହୋଇଥିବାରୁ ଛାତ୍ରୀଛାତ୍ରମାନେ ତାଙ୍କୁ ପ୍ରଶଂସା କରିଥିଲେ। ଶେଷରେ ଶିକ୍ଷକ ପ୍ରତିନିଧି ହରପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

# ରାହୁଲଙ୍କୁ ଦିଲ୍ଲୀ ପୋଲିସର ଦୁର୍ବ୍ୟବହାର ନେଇ ବିକ୍ଷୋଭ


କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ,୨୭।୭(ଡି.ଏନ.ଏ.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସର ଦୁର୍ବ୍ୟବହାର ଘଟଣାକୁ ନେଇ ଯାଜପୁର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବ କଂଗ୍ରେସ କର୍ମୀମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ସହରର ଗାନ୍ଧୀ ଛକ ଠାରେ ପ୍ରତିବାଦ କରିଛନ୍ତି। ପ୍ରତିବାଦ ଓ ବିକ୍ଷୋଭ ସଭାରେ ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, ବିଷ୍ଣୁ ରାଉତ, ଦୁର୍ଯ୍ୟୋଧନ ବେହେରା, ଗୋବିନ୍ଦ ସାହୁ, ସେକ୍ ସଲିମଙ୍କ ସମେତ ଯୁବ କଂଗ୍ରେସର ସଞ୍ଜୀବ କୁମାର ଦାସ, ଉତ୍କଳ କେଶରୀ ପାଣିଗ୍ରାହୀ, ଯଯାତୀ କେଶରୀ ନାୟକ, ଗୟାଧର ବେହେରା, ଶୁଭମ ମହାନ୍ତି, ସନ୍ତୋଷ ସାହୁ, ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଇଡି ଜେରାକୁ ବିରୋଧ କରି ଦିଲ୍ଲୀରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଦଳର ଅନ୍ୟ ନେତା ଓ କର୍ମୀ ବିଜୟ ଚୌକ ନିକଟରେ ଆନ୍ଦୋଳନ କରୁଥିଲେ। ସେମାନେ ରାଷ୍ଟ୍ରପତି ଭବନ ଅଭିମୁଖେ ଆନ୍ଦୋଳନ ଯାତ୍ରା କରୁଥିବା ବେଳେ ରାହୁଲଙ୍କୁ ଦିଲ୍ଲୀ ପୋଲିସ ଏକ ବସରେ ଉଠାଇ ନେଇ ଅଟକ ରଖିଥିଲା। ଏହାକୁ ନେଇ ସାରା ଭାରତରେ କଂଗ୍ରେସ ପକ୍ଷରୁ ବିରୋଧ ଜାରି ରହିଛି।

# ପ୍ରାକ୍ତନ ଶିକ୍ଷକଙ୍କ ପରଲୋକ

**ବରୀ,୨୭।୭(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଗମ୍ଭଁ ଗ୍ରାମର ପ୍ରାକ୍ତନ ଶିକ୍ଷକ ଅଦ୍ୱୈତ ବଲ୍ଲଭ ଜେନା(୮୨)ଙ୍କ ପରଲୋକ ଘଟିଛି। କେବଳ ଶିକ୍ଷକତା ନୁହେଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହି ସଂସ୍କାରମୂଳକ କାର୍ଯ୍ୟ କରିବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଦେହାନ୍ତ ଖବର ପ୍ରଚାରିତ ହେବାପରେ ତାଙ୍କ ଶେଷ ଦର୍ଶନ ପାଇଁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରକୁ ନିଆଯାଇଥିଲା। (ସେ ଏହି ଶିକ୍ଷାନୁଷ୍ଠାନର ମୋ ସ୍କୁଲ ଅଭିଯାନର ସଭାପତି ଥିଲେ)। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏବଂ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗମ୍ଭଁ ଉଚ୍ଚ ବିଦ୍ୟାଳୟର ସେ ମଧ୍ୟ ଥିଲେ ପ୍ରତିଷ୍ଠାତା ଓ ରମାଦେବୀ ଟ୍ରଷ୍ଟର ସଭାପତି ମଧ ଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡି ନେତା ଦେବେନ୍ଦ୍ର ଦାସ, ଖବରଦାତା ପ୍ରତାପ ଦାସ, ସମବାୟ ସଭାପତି କେଦାର ନାୟକ, ସରପଞ୍ଚ ଜଗଦୀଶ ଜେନା, ପ୍ରାକ୍ତନ ସରପଞ୍ଚ ହେମନ୍ତ ନାୟକ ଓ ସନ୍ତୋଷ ନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।


ଅଦ୍ୱୈତ ବଲ୍ଲଭ ଜେନା

# ଯୁକ୍ତ୨ ବିଜ୍ଞାନରେ ଲିସିୟମର ଶତପ୍ରତିଶତ ସଫଳତା

**ଯାଜପୁର ସଦର,୨୭।୭(ଡି.ଏନ.ଏ.)**

ଯାଜପୁର ସହରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଲିସିୟମରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ପିଲା ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ୧୦୮ ରୁ ୧୦୮ ପ୍ରଥମ ଶ୍ରେଣୀ ପାଇଥିବା ବେଳେ ସେଥିରୁ ୩ ଛାତ୍ରୀଛାତ୍ର ୯୦% ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଏନସି କଲେଜର ଟପ୍ପର ହୋଇଥିବା ଶ୍ୱେତପଦ୍ମା ମହାନ୍ତି ଲିସିୟମ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀ। ଯିଏ କି ୯୩% (୫୫୯)ନମ୍ବର ରଖି ପ୍ରଥମ ହୋଇଥିବା ବେଳେ, ଚିନ୍ମୟ ସାହୁ ୯୨.୫%(୫୫୪), ଶୁଭଶ୍ରୀ ଜେନା ୯୦.୫%(୫୪୨) ନମ୍ବର ରଖିଛନ୍ତି। ଲିସିୟମର ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର କହିଛନ୍ତି, ପିଲାମାନଙ୍କ ସମୟାନୁବର୍ତ୍ତିତା, ପ୍ରତ୍ୟେକ ବିଷୟ ସାରିବା ପରେ ପରୀକ୍ଷା, ଡାଉଟ କ୍ଲିୟର କ୍ଲାସ ଏବଂ ସବୁଠାରୁ ଆବଶ୍ୟକ ଶୃଙ୍ଖଳା ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା।


ଶ୍ୱେତପଦ୍ମା ମହାନ୍ତି

# କୃଷି ଯନ୍ତ୍ରପାତି ଯୋଗାଇବା ନାଁରେ ଠକେଇ ଅଭିଯୋଗ

**କଳିଙ୍ଗନଗର,୨୭।୭(ଡି.ଏନ.ଏ.)**

କୃଷି ଯନ୍ତ୍ରପାତି ଯୋଗାଇବା ନାଁରେ ଠକେଇ ହୋଇଛି। ଆଗ୍ରୋ ଇଣ୍ଡିଆ ନାମକ ଏକ ସଂସ୍ଥାର କର୍ମଚାରୀ ପରିଚୟ ଦେଇ ରଞ୍ଜନ କୁମାର ଜେନା ନାମକ ଜଣେ ଯୁବକ ଜଣେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଛନ୍ତି। ଏନେଇ ଟମକା ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଟମକା ଥାନା ନୟା ବଗପାଟିଆ ଗ୍ରାମର ଶତ୍ରୁଘ୍ନ ଜେନା (୬୨) ଏକ ତଳିରୁଆ ଯନ୍ତ୍ର କିଣିବା ପାଇଁ ରଞ୍ଜନଙ୍କୁ ୧ ହଜାର ଟଙ୍କାର ଏକ ଚେକ ଅଗ୍ରୀମ ଆକାରରେ ଦେଇଥିଲେ। ଅଧା ଲେଖା ଯାଇଥିବା ଚେକରେ ରଞ୍ଜନ ୨୧ ହଜାର ଟଙ୍କା ଲେଖି ୟୁକୋ ବ୍ୟାଙ୍କ ଦାନଗଦି ଶାଖାରୁ ଟଙ୍କା ଉଠାଇ ନେଇଥିଲେ। ଶତ୍ରୁଘ୍ନ ଏହା ଜାଣିବା ପରେ ରଞ୍ଜନଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ବାଧହୋଇ ଶତ୍ରୁଘ୍ନ ଥାନାରେ ଅଭିଯୋଗ କରିଛନ୍ତି।

# ବ୍ରହ୍ମବରଦା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଷ୍ଟର ଡୋଜ୍ ପ୍ରଦାନ

**ବ୍ରହ୍ମବରଦା,୨୭।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ଠାରେ କରୋନା ବୁଷ୍ଟର ଡୋଜ୍ ଟିକାକରଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ଏଠାରେ ୪୦୦ ଡୋଜ୍ ଟିକା ପ୍ରଦାନ କରାଯାଇଥିବାବେଳେ ବୁଧବାର ୭୦୦ ଡୋଜ୍ ଟିକା ପ୍ରଦାନ କରାଯାଇଛି। ବୁଷ୍ଟର ଡୋଜ ଟିକା ନେବା ପାଇଁ ବ୍ରହ୍ମବରଦା, ଚାନ୍ଦପୁର-ମହେଶ୍ୱରପୁର ଗ୍ରାମବାସୀ ଉତ୍କଣ୍ଠାର ସହ ସକାଳ ୮ରୁ ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରି ରହୁଛନ୍ତି। ସ୍କୁଲ ଓ କଲେଜ ପିଲାଙ୍କ ପାଇଁ ଗୁରୁବାର ସ୍ୱତନ୍ତ୍ର ଟିକାକରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ବୁଷ୍ଟର ଡୋଜ୍ ଟିକା ନେବାକୁ ଲୋକେ ଲମ୍ବା ଧାଡ଼ି ବାନ୍ଧିଛନ୍ତି।

# ଚାଷ ଜମିରୁ ଜଳ ନିଷ୍କାସନ ଦାବି

## ଜିଲାପାଳ, ବିଡିଓଙ୍କୁ ଭେଟି ସ୍ମାରକପତ୍ର ଦେଲେ ବାରବାଟୀ ସରପଞ୍ଚ

**ରସୁଲପୁର,୨୭।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଦୁର୍ଗାପୁରପାଟରେ ବର୍ଷାଜଳ ଜମି ରହୁଛି। ଫଳରେ ଚାଷ ଜମି ପଡ଼ିଆ ପଡୁଛି। ତେଣୁ ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ଆୟୁଷ୍ମତି ଦାସ ଅଣ୍ଟା ଭିଡ଼ିଛନ୍ତି। ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରକୁ ଉଭୟ ଅଧିକାରୀ ଗ୍ରହଣ କରିବା ସହ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି।

ଜନବସତି ବଢିବା ସହ ପ୍ରାକୃତିକ ଜଳଧାରା ଗୁଡିକ ଜବର ଦଖଲ ହୋଇଯାଉଛି। ଜନବସତିରୁ ବହି ଆସୁଥିବା ଜଳଗୁଡିକ ନିଷ୍କାସିତ ହୋଇ ନ ପାରି ଚାଷ ଜମିରେ ରହୁଛି, ଯାଦ୍ୱାରା ଚାଷୀ ବିଶେଷ ପ୍ରଭାବିତ ହେଉଛନ୍ତି। ଶହଶହ ଏକର ଜମିରେ ବର୍ଷା ଜଳ ଜମି ରହୁଥିବାରୁ ଚାଷ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଚାଷୀ ନାନା ସ୍ଥାନରେ ଗୁହାରୀ କଲେବି ସେମାନଙ୍କ ଦୁଃଖ କେହି ଶୁଣୁ ନାହାନ୍ତି। ତେଣୁ ଚାଷୀଙ୍କ ସମସ୍ୟାକୁ ସରପଞ୍ଚ ଦାସ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିବା ପରେ ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଏହି ଅବସରରେ ସରପଞ୍ଚଙ୍କ ଆହ୍ୱାନ କ୍ରମେ ବରିଷ୍ଠ ନାଗରିକ ବୃନ୍ଦାବନ ପାଢ଼ୀଙ୍କ ନେତୃତ୍ୱରେ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁର୍ଗାଦେବୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଂହାପୁର ଓ ପ୍ରଥମାଖଣ୍ଡି କୃଷି ସେବା ସମବାୟ ସମିତି ସଭାପତି, ସିଂହାପୁର ଓ ପ୍ରଥମାଖଣ୍ଡି ପଞ୍ଚାୟତର ଜନପ୍ରତିନିଧି, ମୁରବୀ ବେଣୁଧର ମହାରଣା, କୁଳମଣି ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତ, ଅକ୍ଷୟ ଭଦ୍ର, ଶଶାଙ୍କ ଶେଖର ଦାସ, ଚିନ୍ତାମଣି ରାଉତ, ସନାତନ ବାରିକ, ଗୋପାଳ ବାରିକ, ଆନନ୍ଦ ଭୁଡିଆଙ୍କ ସମେତ ବହୁବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ। ବୈଠକରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଉକ୍ତ କମିଟି ସଦସ୍ୟମାନେ ଏନେଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭେଟି ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି।


ସରପଞ୍ଚ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ଜୁଲାଇ, ୨୦୨୨



# ହାତରେ ବିଷ ବୋତଲ ଧରି ଚାଷୀଙ୍କ ବିକ୍ଷୋଭ

**ନୟାଗଡ଼ ଅଫିସ,୨୭।୭**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢେୟାପଲ୍ଲୀ ସମବାୟ ସମିତିରେ ଚାଷୀ ଧାନ ବିକ୍ରି କରିବାର ୬ ମାସ ପରେ ବି ପ୍ରାପ୍ୟ ପାଇ ନାହିଁ । ଏଠାର ସମିତିରେ ୧୯ ଚାଷୀଙ୍କ ୧୭ ଲକ୍ଷ ଟଙ୍କା ଧାନ ବିକ୍ରି ଅର୍ଥ ଆତ୍ମସାତ୍ ହୋଇଛି । ଧାନ ଟଙ୍କା ପାଇଁ ଜିଲାପାଳ, ଉପଜିଲାପାଳ, ଏଆରସିଏସ୍, ସିଏସଓ ଅଫିସକୁ ଦୌଡି ଦୌଡି ନିରାଶ ହେବା ପରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ବିଷ ବୋତଲ ଧରି ବିକ୍ଷୋଭ କରିଥିଲେ ଚାଷୀ । ଟଙ୍କା ନ ମିଳିଲେ ବିଷ ପିଇ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ । ତେବେ ଜିଲାପାଳଙ୍କୁ ନ ପାଇ ଚାଷୀ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଗାନ୍ଧୀଙ୍କ ମୂର୍ତ୍ତି ତଳେ ପୁଣି ଧାରଣା ଦେଇଥିଲେ । ଘଟଣାସ୍ଥଳକୁ ଉପଜିଲାପାଳ, ନୟାଗଡ଼ ତହସିଲଦାର, ଏଆରସିଏସ, ଜିଲାପାଳ ଓ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଅତିଶୀଘ୍ର ସେମାନଙ୍କ ପ୍ରାପ୍ୟ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷେ ସମ୍ପାଦକଙ୍କ ନାଁରେ ମାମଲା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିଭଳି ଚଢ଼େୟାପଲ୍ଲୀ ସମବାୟ ସମିତିରେ ସମ୍ପାଦକଙ୍କ ନାଁରେ ବିଭିନ୍ନ ଅଭିଯୋଗ ଆସିବା ପରେ ନିଲମ୍ବନ କରାଯାଇଥିଲା । ତେବେ ନିଲମ୍ବିତ ସମ୍ପାଦକଙ୍କୁ ପୁଣି ଥରେ ନିଯୁକ୍ତି ଦିଆଯିବା ପରେ କେଳେଙ୍କାରୀ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି । ପ୍ରକାଶଯେ ଚଢେୟାପଲ୍ଲୀ ସୋଇସାଇଟିର ସମ୍ପାଦକ ରଘୁନାଥ ମହାକୁଡଙ୍କ ନାଁରେ ଆସିଛି ଧାନ କିଣାରେ ୧୭ ଲକ୍ଷର ଦୁର୍ନୀତି ଅଭିଯୋଗ । ସ୍ଥାନୀୟ ସମବାୟ ସମିତି ଅଧୀନରେ ଥିବା ଗାଁଗୁଡିକ ଆଦିବାସୀ ବହୁଳ ହୋଇଥିବାବେଳେ ଏଠାକାର ଲୋକମାନେ ସରଳ ଏବଂ ନିରକ୍ଷର ହୋଇଥିବାରୁ ସମ୍ପାଦକ ଫାଇଦା ନେଉଥିବା ଅଭିଯୋଗ ହୋଇଛି । ଗତବର୍ଷ ଜୁଲାଇ ମାସରେ ଚାଷୀମାନେ ନିଜର ନାମ ରେଜିଷ୍ଟ୍ରେଶନ୍ କରିବା ପରେ ଜାନୁୟାରୀ ମାସରେ ଧାନ ଦେବା ପାଇଁ ମେସେଜ୍ ଆସିଥିଲା । ପରେ ମାର୍ଚ୍ଚମାସରେ ଚାଷୀ ସୋସାଇଟିରେ ଧାନ ଦେଇଥିଲେ । ଏହାପରଠାରୁ ଟଙ୍କା ପାଇଁ ସେକ୍ରେଟେରୀଙ୍କୁ କହିବା ପରେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିବା ସେ କହିଥିଲେ । ହେଲେ ଚାଷୀ ବ୍ୟାଙ୍କରେ ପାସବୁକ୍ ଚେକ୍ କରିବା ପରେ ଟଙ୍କା ଆସି ନ ଥିବା ଜାଣିଥିଲେ । ଦୀର୍ଘ ୫ମାସ ହେଲା ଚାଷୀ ସେକ୍ରେଟେରୀଙ୍କ ପାଖକୁ ଦୌଡଦୌଡି ନିରାଶ ହେବା ପରେ ଦଶପଲ୍ଲା ବିଡିଓ, ନୟାଗଡ ଏଆରସିଏସ୍‌ଙ୍କୁ ଭେଟି ମଧ୍ୟ ଯାଇ ନିରାଶ ହୋଇଥିଲେ । ଏପରି କି ଦଶପଲ୍ଲା ଓ ଖଣ୍ଡପଡାଠାରେ ଆୟୋଜିତ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବା ପରେ ତିନି ଦିନ ମଧ୍ୟରେ ଟଙ୍କା ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ବୁଧବାର ୧୯ରୁ ଅଧିକ ଚାଷୀ ହାତରେ ବିଷ ବୋତଲ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସେକ୍ରେଟେରୀଙ୍କ ଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀମାନେ ମିଳିମିଶି ଚାଷୀଙ୍କ ଟଙ୍କା ଆତ୍ମସାତ କରିଥିବା ଚାଷୀ ଅଭିଯୋଗ କରିଛନ୍ତି । ଟଙ୍କା ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଚାଷୀ ଧମକ ଦେଇଥିଲେ ।ଏନେଇ ପୁଟିବାରର ଚାଷୀ ବବିତା ଗୌଡ, ଜଗଦୀପ ଦେଉରୀ, ସୁରେନ୍ଦ୍ର ଦିହୁଡି, କୃଷ୍ଣଚନ୍ଦ୍ର ଜାନି କୁହନ୍ତି ଚାଷୀଙ୍କୁ ସମ୍ପାଦକ ନକଲି ରସିଦ୍ ଦେଇ ୧୭ ଲକ୍ଷ ଟଙ୍କା ଆତ୍ମସାତ୍ କରିଛନ୍ତି । ଟଙ୍କା ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା କରିବୁ । ଜିଲା ପ୍ରଶାସନ ୧୦ ଦିନ ଭିତରେ କଣ କରୁଛି ଆମେ ଅନୁଧ୍ୟାନ କରୁଛୁ ବୋଲି କହିଛନ୍ତି । ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଅଭିଯୋଗର ପ୍ରାଥମିକ ତଦନ୍ତରୁ ସୋସାଇଟି ସେକ୍ରେଟେରୀ ଦୁର୍ନୀତିରେ ସମ୍ପୃକ୍ତ ଥିବା ଜଣାପଡିଛି । ଚାଷୀ ଧାନ ଟଙ୍କା ପାଇବେ । ବାଣିଗୋଛା ଥାନାରେ ସମ୍ପାଦକଙ୍କ ନାଁରେ ଗୁରୁବାର ଅଭିଯୋଗ କରାଯିବ ବୋଲି କହିଛନ୍ତି । ଏଆସିଏସ୍ ହାଡିବନ୍ଧୁ ମହାକୁଡ଼ କହିଛନ୍ତି । ଚାଷୀଙ୍କ ଆନ୍ଦୋଳନ ପରେ ବୁଧବାର ସନ୍ଧ୍ୟାରେ ମିଲର, ଚାଷୀ, ଏଆରସିଏସ୍, ଉପଜିଲାପାଳଙ୍କ ବୈଠକ କରାଯାଇଛି । ତୁରନ୍ତ ଚାଷୀଙ୍କ ଟଙ୍କା ଦେବାକୁ ବ୍ୟବସ୍ଥା କରାଯାଉଛି । ତେବେ ସମ୍ପାଦକଙ୍କ ନାଁରେ ମାମଲା ହେବ ବୋଲି ନିଷ୍ପତ୍ତି ହୋଇଛି । । ଆଇନଜିବୀ ରଣଜିତ ଦାଶ କୁହନ୍ତି, ମୋ ନେତୃତ୍ୱରେ ଗୁରୁବାର ଚାଷୀ ଆନ୍ଦୋଳନ ହୋଇଥିଲା । ଚାଷୀମାନେ ଟଙ୍କା ନ ପାଇଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି ।



ବିଷ ବୋତଲ ଧରି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ବିଭାଗୀୟ ଅଧିକାରୀମାନେ ଚାଷୀମାନଙ୍କୁ ବୁଝାଶୁଝା କରୁଛନ୍ତି ।

- ଟଙ୍କା ନ ମିଳିଲେ ବିଷ ପିଇବାକୁ ଚେତାବନୀ
- ୧୯ ଚାଷୀଙ୍କର ୧୭ ଲକ୍ଷ ଟଙ୍କା ଆତ୍ମସାତ୍
- ଦଶପଲ୍ଲାରେ ଧାନ ବିକ୍ରିରେ କେଳେଙ୍କାରୀ
- ନିଲମ୍ବିତ ସମ୍ପାଦକଙ୍କୁ ଦାୟିତ୍ୱ ମିଳିବା ପରେ ପୁଣି ଆତ୍ମସାତ୍

## ସଂକ୍ଷେପରେ

### ନୀଳମାଧବ ମହାବିଦ୍ୟାଳୟରେ ଶତପ୍ରତିଶତ ପାସ

**ଖଣ୍ଡପଡା,୨୭।୭(ସ୍ୱ.ପ୍ର):** ବୁଧବାର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାସ୍ ହାର ଶତ ପ୍ରତିଶତ ରହିଥିବା ଅଧକ୍ଷ ଶରତ କୁମାର ସାହୁ କହିଛନ୍ତି । ବାଣିଜ୍ୟ ବିଭାଗରେ ମାତ୍ର ୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି । ବିଜ୍ଞାନ ବିଭାଗରେ ସମୁଦାୟ ୩୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୩୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୯ଜଣ, ୨ୟ ଶ୍ରେଣୀରେ ୧୨ଜଣ, ୩ୟ ଶ୍ରେଣୀରେ ଜଣେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଜ୍ଞାନ ବିଭାଗର ରୀନା ସେଣ ସର୍ବାଧିକ ୪୫୨ ମାର୍କ ରଖି କଲେଜରେ ଟପ୍ପର ହୋଇଛନ୍ତି । ସଂପୃକ୍ତ ଛାତ୍ରୀଙ୍କ ଘର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମରେ ବୋଲି ସୂଚନା ମିଳିଛି ।

### ପଠାଣିସାମନ୍ତ କଲେଜରେ ଭାରତୀ ପ୍ରଥମ

**ଭାପୁର,୨୭।୭(ଡି.ଏନ୍.ଏ.):** ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ପଠାଣିସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ଭାରତୀ ମହାରଣା ଖଣ୍ଡପଡ଼ା ବ୍ଲକରେ ୫୧୯ ମାର୍କ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଭାରତୀ ସଫଳତାର ଶ୍ରେୟ ଅଧାପକ ଏବଂ ମାଆ,ବାପାଙ୍କୁ ଦେଇଛନ୍ତି । ସେହିଭଳି ୫୧୪ ମାର୍କ ସହ ବିଷ୍ଣୁପ୍ରିୟା ସେନାପତି ମହାବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ଉଚ୍ଚଶିକ୍ଷା ପରେ ଅଧାପିକା ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି । ସେହିପରି ପଠାଣି ସାମନ୍ତ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ସମସ୍ତ ୬୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୬ ଜଣ ପାସ କରିଥିବା ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି । ସେହିପରି ପ୍ରହଲ୍ଲାଦ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଜ୍ଞାନରେ ୯ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭ ଜଣପାସ୍ କରିଛନ୍ତି । ସୁଶ୍ରୀ ସଙ୍ଗୀତା ବେହେରା ୪୩୩ ମାର୍କ ରଖିଥିବା ବେଳେ ଦୀପ୍ତିମୟୀ ସାହୁ ୪୧୦ ମାର୍କ ରଖିଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ପାସ୍ କରିଛନ୍ତି । ଚିତ୍ତରଞ୍ଜନ ନାୟକ ସର୍ବାଧିକ ୩୩୯ ମାର୍କ ରଖିଥିବା ବେଳେ ଛାତ୍ରୀ ଦିପ୍ତିମୟୀ ଏବଂ ପ୍ରୀତିମୟୀ ଯୁଗ୍ମ ୩୩୮ ମାର୍କ ରଖିଥିବା ମହାବିଦ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

### ବନୀକରଣ ଯୋଜନାରେ ୨.୫ ଲକ୍ଷ ଚାରା ବଣ୍ଟନ

**ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.):** ଚଳିତ ବର୍ଷ ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ୧୩୦ ହେକ୍ଟର ଅଞ୍ଚଳରେ ୭୨ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି । ଏଥିସହିତ ବିଭିନ୍ନ କିସମର ୨.୫ ଲକ୍ଷ ଚାରା ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୪ଟି ସ୍ଥାନରେ ଚାରା ପ୍ରସ୍ତୁତ ନିମନ୍ତେ ନର୍ସରୀ ପ୍ରତିଷ୍ଠା କରାଯାଇଥିଲା । ପଥପାର୍ଶ୍ୱ ବନୀକରଣ ଯୋଜନା, ଇକୋ କ୍ଲବ୍ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକ ଜରିଆରେ ବନ ମହୋତ୍ସବ ପାଳନ ଅବସରରେ ଶାଗୁଆନ, ପିଆଶାଳ, ଫାସି, ଲିମ୍ବ ଓ ଶିଶୁ ଆଦି ଚାରା ବିଭିନ୍ନ ସ୍ଥାନରେ ରୋପଣ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ ଓ ବନପାଳ ଶ୍ରୀନିବାସ ଦାଶ କହିଛନ୍ତି ।

### ୫-ଟି ଯୋଜନାରେ ୧୦ ବିଦ୍ୟାଳୟ ସାମିଲ

**ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ୧୦ ବିଦ୍ୟାଳୟ ୩ୟ ପର୍ଯ୍ୟାୟରେ ୫-ଟି ରୂପାନ୍ତରୀକରଣ ଯୋଜନାରେ ସାମିଲ ହୋଇଛି । ଏ ସଂକ୍ରାନ୍ତରେ ଜଣାପଡିବା ପରେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏହି ଯୋଜନାରେ ସିଧାମୂଳା ପଞ୍ଚାୟତ ଅଧୀନ ବଳରାମପ୍ରସାଦ ଗ୍ରାମର କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟ, କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟ, ସିଂଘାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଖଳିସାହିସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବସନ୍ତ କୁମାର ବିଦ୍ୟାପୀଠ ବଡବାଣପୁର, ଭଗବତୀ ବିଦ୍ୟାପୀଠ ବିରିଡିହି, ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ମର୍ଦ୍ଦରାଜପୁର, ଖଲି ଅପସରା ବିଦ୍ୟାଳୟ ରାଣୀଝେଲ୍ଲୀ ଓ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କିଆଝର ସାମିଲ ହୋଇଛି । ୧୦ଟି ବିଦ୍ୟାଳୟର ସାମଗ୍ରୀକ ବିକାଶ ୫-ଟି ଯୋଜନାରେ କରାଯିବ ବୋଲି ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ କହିଛନ୍ତି ।



କଣ୍ଟିଲୋ ଅଞ୍ଚଳର ଜଣେ ଧୀବର ଜାଲ ପକାଇ ପରିବାର ପ୍ରତିପୋଷଣ ପାଇଁ ମହାନଦୀରୁ ମାଛ ଧରୁଛନ୍ତି ।

## ମେଧାବୃତ୍ତି ପରୀକ୍ଷାରୁ ବଞ୍ଚିତ ହେଲେ ୨ ଛାତ୍ରୀଛାତ୍ର

**ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.)**

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁ ୨ ଛାତ୍ରୀଛାତ୍ର ଚଳିତ ବର୍ଷ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଖଣ୍ଡପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ରାଜଲକ୍ଷ୍ମୀ ଦାସ ଓ ତ୍ରିବିକ୍ରମ ମିଶ୍ର ୫ମ ଶ୍ରେଣୀ ପାସ କରିବା ପରେ ଉଭୟେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏବେ ଉଭୟ ଖଣ୍ଡପଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ତେବେ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କ ନାମ ସୁପାରିଶ କରିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ । ଯେହେତୁ ସଂପୃକ୍ତ ଛାତ୍ରୀଛାତ୍ର ସରସ୍ୱତୀ ଶିଶୁ ମନ୍ଦିର ଛାଡି ଅନ୍ୟତ୍ର ଅଧ୍ୟୟନ କରୁଛନ୍ତି, ସେଦୃଷ୍ଟିରୁ ସେମାନଙ୍କ ନାମ ପରିବର୍ତ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍ୟ ୨ଜଣଙ୍କ ନାମ ମେଧାବୃତ୍ତି ପରୀକ୍ଷା ପାଇଁ ସୁପାରିଶ କରାଯାଇଥିବା ଅଭିଯୋଗ ହେଉଛି । ଫଳରେ ସରସ୍ୱତୀ ଶିଶୁ ମନ୍ଦିର କର୍ତ୍ତୃପକ୍ଷଙ୍କ ଏହି ନୀତି ଯୋଗୁ ଚଳିତ ବର୍ଷ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେବାକୁ ରାଜଲକ୍ଷ୍ମୀ ଓ ତ୍ରିବିକ୍ରମ ବଞ୍ଚିତ ହୋଇଛନ୍ତି । ଉଭୟ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାଯୋଗ୍ୟ, ଉଭୟେ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଉଥିଲେ । ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ ଜୟନ୍ତୀ ସାହୁଙ୍କ ସହ ଯୋଗାଯୋଗ କରିବାରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇ ସାରିଲାଣି । ଏବେ ଆଉ କିଛି କରିବାର ସମ୍ଭବ ନୁହେଁ । ଏ ନେଇ ପୂର୍ବରୁ ଯଦି ଅଭିଯୋଗ ହୋଇଥାଆନ୍ତା ତେବେ ସମସ୍ୟାର ସମାଧାନ ହୋଇପାରିଥାଆନ୍ତା ବୋଲି ସେ କହିଛନ୍ତି । ଆଗାମୀ ବର୍ଷ ଏ ଦିଗରେ ଦୃଷ୍ଟି ଦିଆହେବ ବୋଲି ସାହୁ ସୂଚନା ଦେଇଛନ୍ତି ।

## ବିଜୟ ଦିବସ ପାଳିତ

**ଦଶପଲ୍ଲା,୨୭।୭(ଡି.ଏନ.ଏ.)**

ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ୨୩ ତମ କାରଗିଲ ବିଜୟ ଦିସ ପାଳିତ ହୋଇଯାଇଛି । ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଜବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇଥିଲା । ଏଥିସହ ବିଜୟ ଯାତ୍ରାରେ ସ୍ଲୋଗାନ୍ ଦିଆଯାଇଥିଲା । କଲୋନୀର ସାମାଜିକ କର୍ମୀ ଅଜୟ କୁମାର ପୃଷ୍ଟିଙ୍କ ନେତୃତରେ ସୌମେନ୍ଦ୍ର କୁମାର ସାହୁ, ରଞ୍ଜନ ବେହେରାଙ୍କ ସହ ସ୍ଥାନୀୟ ଯୁବକମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ ।




କାରଗିଲ ବିଜୟ ଦିବସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବକମାନେ ।

## ୪୦ ଓଏଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ରାଜ୍ୟ ସରକାର ବୁଧବାର ୩୧ଟି ବ୍ଲକରେ ନୂଆ ବିଡିଓଙ୍କୁ ଅବସ୍ଥାପିତ କରିବା ସହ ମୋଟ ୪୦ ଓଏଏସ୍ ଅଫିସରଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି । ପୂର୍ବରୁ ଗତ ୧୯ ତାରିଖରେ ୩୦ଟି ବ୍ଲକରେ ନୂଆ ବିଡିଓଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ । ବୁଧବାର ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଯୁଯୁମୁରା ବିଡିଓ ସରୋଜ କୁମାର ବିଶ୍ୱାଳଙ୍କୁ ବିଜେପୁର ବିଡିଓ ଭାବେ ବଦଳି କରାଯାଇ ଥିବାବେଳେ ବାଲିଗୁଡ଼ା ତହସିଲଦାର ଶଶାଙ୍କ କୁମାର ପାତ୍ରଙ୍କୁ ବାଲିଗୁଡ଼ା ବିଡିଓ, କେ.ନୂଆଗାଁ ବିଡିଓ ଶରତ କୁମାର ପାତ୍ରଙ୍କୁ ରାଇକିଆ ବିଡିଓ, ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ନିଶ୍ଚିତକୋଇଲି ବିଡିଓ, ପରଜଙ୍ଗ ବିଡିଓ ବିନୋଦ ବିହାରୀ ବେହେରାଙ୍କୁ କିଶୋରନଗର ବିଡିଓ, ସହରପଡ଼ା ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କୁ ରଘୁନାଥପୁର ବିଡିଓ, ତିରିଙ୍ଗି ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ସୁନ୍ଦରଗଡ଼ର ବାଲିଶଙ୍କରା ବିଡିଓ ଭାବେ ବଦଳି କରାଯାଇଛି ।

ସେହିପରି ଓଏଏସ ଅଫିସର ବାସନ୍ତୀ ଲାକ୍ରାଙ୍କୁ ତିରିଙ୍ଗି ବ୍ଲକ ବିଡିଓ, ତୃପ୍ତି ବରାଳଙ୍କୁ କୁଆଁରମୁଣ୍ଡା ବ୍ଲକ ବିଡିଓ, ବିକାଶ ଚନ୍ଦ୍ର ସାହୁଙ୍କୁ ଯୁଯୁମୁରା ବିଡିଓ, ପ୍ରସନ୍ନ କୁମାର ପଣ୍ଡାଙ୍କୁ ଢେଙ୍କାନାଳ ସଦର ବିଡିଓ, ବିଜୟ କୁମାର ସଏଙ୍କୁ ବରପାଲି ବିଡିଓ, ମନୋଜ କୁମାର ଦେବତାଙ୍କୁ ଗାଇସିଲେଟ୍ ବିଡିଓ, ପ୍ରବୀଣ କୁମାର ବଣୁଆଙ୍କୁ ପରଜଙ୍ଗ ବିଡିଓ, ଶଙ୍କର ପ୍ରସାଦ ସାହୁଙ୍କୁ କଙ୍କଡ଼ାହାଡ଼ ବିଡିଓ, ସଞ୍ଜୀବ କୁମାର ପଟେଲଙ୍କୁ ଧନକଉଡ଼ା ବିଡିଓ, କୃଷ୍ଣଚନ୍ଦ୍ର ଦଳପତିଙ୍କୁ ରେଙ୍ଗାଳୀ ବିଡିଓ, ଜ୍ୟୋତିପ୍ରକାଶ ସେଠୀଙ୍କୁ ରଣପୁର ବିଡିଓ, ଜିତେନ୍ଦ୍ର କୁମାର ନାୟକଙ୍କୁ ବାଲିକୁଦା ବିଡିଓ, ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଝାରସୁଗୁଡ଼ା ବିଡିଓ, ଅର୍ଜୁନ ପ୍ରଧାନଙ୍କୁ କୋଟଗଡ଼ ବିଡିଓ, କାମଦେବ ସମାଦାରଙ୍କୁ ଆର. ଉଦୟଗିରି ବିଡିଓ, ଉମାକାନ୍ତ ପରିଡ଼ାଙ୍କୁ ଝୁମ୍ପୁରା ବିଡିଓ, ବିଜୟ କୁମାର ନାୟକଙ୍କୁ ତେଲକୋଇ ବିଡିଓ, ଅବନୀକାନ୍ତ ସାହୁଙ୍କୁ ରସୁଲପୁର ବିଡିଓ, ଫକୀର ଚରଣ ପରିଡ଼ାଙ୍କୁ ଆସିକା ବିଡିଓ, ନମିତା ବାରିକଙ୍କୁ ଡେରାବିଶ ବିଡିଓ, ନୀଳାମ୍ବର ମହାନନ୍ଦାଙ୍କୁ ତିଲେଇବଣି ବିଡିଓ, ସ୍ମରଣିକା ତୁଲୋଙ୍କୁ ମାନେଶ୍ୱର ବିଡିଓ, ରୋଶନ ଶତପଥୀଙ୍କୁ ବେଲଗୁଣ୍ଠା ବିଡିଓ ଓ ମନୋଜ କୁମାର ପାଢ଼ୀଙ୍କୁ ଟିକାବାଲି ବିଡିଓ ଭାବେ ବଦଳି କରାଯାଇଛି ।

ତେବେ ୩ଜଣ ବିଡିଓ ଦେବଯାନୀ ଭୂୟାଁ (ଉଦଳା), ସଂଗ୍ରାମ କେଶରୀ ପରିଡ଼ା (ବେତନଟୀ) ବିଡିଓ, ବିଜୟ କୁମାର ପଟେଲ (ତରଭା)ଙ୍କ ବଦଳି ବାତିଲ କରାଯାଇ ସେମାନଙ୍କୁ ପୂର୍ବଭଳି ନିଜ ସ୍ଥାନରେ କାମ କରିବାକୁ ଅନୁମତି ଦିଆଯାଇଛି । ରଣପୁର ବିଡିଓ ରତ୍ନପର୍ଣ୍ଣା ମହାପାତ୍ରଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯିବା ପରେ ତାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗରେ ଭୁବନେଶ୍ୱରସ୍ଥିତ ଆରପିଆରସି ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତି ମିଳିଛି ।

ସେହିପରି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଗୁଣୁପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଲୋକନାଥ ଦଳବେହେରାଙ୍କୁ ଗୁଣୁପୁର ଉପଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର ନୀଳମାଧବ ଭୋଇଙ୍କୁ ବ୍ରହ୍ମପୁର ଉପଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ, ବାଲେଶ୍ୱର ଅତିରିକ୍ତ ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ବାଲେଶ୍ୱର ଉପଜିଲାପାଳ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ସଚିବ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ସମ୍ବଲପୁର ଉପଜିଲାପାଳ, ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କୁ ନବରଙ୍ଗପୁର ଉପଜିଲାପାଳ ଭାବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

